# Akashvani, Sambalpur

## SAMBALPURI NEWS EVENING BULLETIN

## 4 December 2024- 7.02 pm- 7.12 pm.

*********************************************

୧- ଦେଶ୍‌କେ ୨୦୪୭ ମସିହାତକ୍ ପୁରା ଆତ୍ମନିର୍ଭରଶୀଳ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ- କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ପୁରୀ ବ୍ଲୁଫ୍ଲାଗ୍ ବେଲାଭୂମି ନ ନୌସେନା ଦିବସ୍ ପାଳନ୍ ସମାରୋହଥି ହେଲେ ସାମିଲ୍ ।

- ଆଏବା କାଏଲ୍ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ନ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବେ ।

୨- ହୀରାକୁଦ୍ ନଦୀବନ୍ଧର୍ ପ୍ରାକୃତିକ ପର୍ଯ୍ୟଟନ୍ ଆଉ ସାତକୋଶିଆର୍ ବିକାଶ୍ ଲାଗି ୨ ଶହ କୋଟି ଟଙ୍କା ବ୍ୟୟବରାଦ୍ କଲେ କେନ୍ଦ୍ର ସର୍‌କାର୍ ।

ଆଉର୍

୩- ବିଧାନ୍‌ସଭା ନ ଆଏଜ୍ ୩୯ ଟା ବିଭାଗୀୟ ଖର୍ଚ୍ଚ ଦାବି ହେଲା ଗୃହିତ ।

ନୌସେନା ଦିବସ୍- ରାଷ୍ଟ୍ରପତି       ଆର୍ଏନ୍ୟୁ/ କଟକ୍

ଦେଶ୍କେ ୨୦୪୭ ମସିହାତକ୍ ପୁରା ଆତ୍ମନିର୍ଭରଶୀଳ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ପୁରୀ ବ୍ଲୁଫ୍ଲାଗ୍ ବେଲାଭୂମି ନ ନୌସେନା ଦିବସ୍ ପାଲନ୍ ସମାରୋହଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଛନ୍ ଯେ, ଜାତୀୟ ସୁରକ୍ଷାଥି ନୌସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ମହିଲା ସଶକ୍ତିକରଣ୍ କ୍ଷେତ୍ରଥି ଭାରତୀୟ ନୌସେନା ଉଦାହରଣ୍ ସାଜିଛେ । ଭାରତୀୟ ନୌସେନା ମହିଲା ଅଗ୍ନିବୀର ମାନ୍‌କୁ ପହେଲା ସାମିଲ୍ କରିଥିଲା । ଭାରତର୍ ୫ ହଜାର୍ ବଛର୍ ପୁର୍‌ନା ନୌବାଣିଜ୍ୟ ସମୃଦ୍ଧ ପରମ୍ପରା ରହିଛେ । ଦେଶେ ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ୬୩ ଟା ବୁଡ଼ାଜାହାଜ ତିଆର୍ କରାଯାଇଛେ । ବିପର୍ଯ୍ୟୟ ପରିଚାଲନା ହେଉ କି ଆତଙ୍କବାଦ୍‌ର ମୁକାବିଲା ନୌସେନା ସବୁ ସମିଆଥି ଦେଶ୍କେ ସୁରକ୍ଷା ଦେଇଛେ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ନୌସେନା ତର୍‌ଫୁ ଆଏଜ୍ ଜବାନ୍ ମାନେ ନିଜର୍ ସୌର୍ଯ୍ୟ, ବୀରତା, ରଣକୌଶଲ୍ ଆର୍ ପରାକ୍ରମ ଦେଖେଇଛନ୍ । ସମୁଦ୍ର ଭିତ୍‌ରେ ଆଇଏନ୍ଏସ୍ ଜଲସ୍ୱ, ଦିଲ୍ଲୀ, ମହୀଶୂର୍, ମୁମ୍ବାଇ, ରଣ୍‌ବୀର୍, ଶକ୍ତି, ସାହ୍ୟାଦ୍ରୀ ବାଗିର୍ ୧୫ ନୁ ଅଏତ୍‌କା ଯୁଦ୍ଧ ଜାହାଜ୍‌ର ସମରାଭ୍ୟାସ ବେଶ୍ ଆକର୍ଷଣୀୟ ଥିଲା । ସ୍ଥଳପଥଥି

ନୌସେନାର୍ ଯବାନ୍‌ମାନେ ଯୁଦ୍ଧକୌଶଲ୍ ଦେଖେଇକରି ସାହସିକତାର ନିଦର୍ଶନ୍ ଦେଇଛନ୍ ।

ଆକାଶ୍‌ଥି ମିଗ୍ -୨୯ ଯୁଦ୍ଧ ବିମାନ୍, ହକ୍ ବିମାନ୍ ସହେତେ ୪୦ ନୁ ଅଏତ୍‌କା ହେଲିକେପ୍ଟର୍ କୌଶଲ୍ ଦେଖେଇଛେ । ସେନ୍ତା ସ୍ୱତନ୍ତ୍ର ମାର୍କୋଶ୍ କମାଣ୍ଡୋ ଆକାଶ୍ ନ ତ୍ରିରଙ୍ଗା ପତାକା ଉଡ଼େଇଥିଲେ । ଇ ସମାରୋହକେ ଦେଖିବାର୍ ଲାଗି ବହୁତ୍‌ଟେ ଲୁକ୍‌କର୍ ଭିଡ଼୍ ହେଇଥିଲା । ଇତାକେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତରଫୁ କଡ଼ା ବ୍ୟବସ୍ଥା କରାଯାଇଥିଲା ।

ରାଷ୍ଟ୍ରପତି-ଗୋପବନ୍ଧୁ ଆର୍ଯୁବେଦ୍ କଲେଜ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ସଖାଲେ ପୁରୀ ଗୋପବନ୍ଧୁ ଆର୍ଯୁବେଦ୍ କଲେଜ୍‌ର ହୀରକ ଜୟନ୍ତୀ ସମାରୋହଥି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ରାଷ୍ଟ୍ରପତି କହିଥିଲେ ଯେ, ଯୋଗ ଯୁକ୍ତ ହେଲେ ରୋଗମୁକ୍ତ ହେଇପାର୍‌ମା । ଦେଶ୍ ବିଦେଶ୍‌ଥି ଲୋକ୍‌ମାନେ ଯୋଗ ଆର୍ ଆୟୁର୍ବେଦ୍ ଶିଖିବାର୍‌କେ ଇଚ୍ଛା କରୁଛନ୍ । ଫିʼ ରୋଗ୍ ଲାଗି ଆୟୁର୍ବେଦ୍‌ଥି ଚିକିତ୍ସାର୍ ଉପେ ରହିଛେ ବଲି ରାଷ୍ଟ୍ରପତି କହିଛନ୍...

(ଭଏସ୍ ଓଭର୍-ରାଷ୍ଟ୍ରପତି)

ଇତାର୍ ଆଘୋନୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ରୀମନ୍ଦିର୍ ଯାଇକରି ମାହାପୁରୁଙ୍କୁ ଦର୍ଶନ୍ କରିଥିଲେ । ଆଏବା କାଏଲ୍ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ନ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର୍ ୪୦ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବେ । ସେନ୍ତା ଭୁବ୍‌ନେଶ୍ୱର୍ ନ୍ୟାୟିକ ଅଦାଲତ୍‌ର ନୂଆଁ କମ୍ପ୍ଲେକ୍ସକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଆଏବା ଶୁକବାର୍ ଶ୍ରୀମତୀ ମୁର୍ମୁ ମୟୁର୍‌ଭଞ୍ଜ ଉପର୍‌ବେଡ଼ା ଠାନେ ଛାତ୍ରଛାତ୍ରୀ ଆର୍ ଗାଁର୍ ଲୁକ୍‌କର୍ ସାଙ୍ଗେ କଥା ହେବେ । ସେନ୍ତା ଶନିବାର୍ ଦିନ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରୋମରା- ଚକୁଳିଆ ଆର୍ ବାଦାମ୍‌ପାହାଡ଼୍-କେନ୍ଦୁଝର୍‌ଗଡ଼୍ ରେଲ୍‌ଲାଇନ୍, ଆଦିବାସୀ ଗବେଷଣା କେନ୍ଦ୍ରର୍ ବିକାଶ୍ କେନ୍ଦ୍ର, ଦାଣ୍ଡବୋଷ ଏୟାର୍‌ଷ୍ଟ୍ରିପ୍ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ନୌସେନା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ନୌସେନାର ପରାକ୍ରମ, ସଫଳତା ଆଉ ଭୂମିକାକେ ସ୍ୱିକୃତୀ ଦେବାର୍ ଲକ୍ଷ୍ୟଥି ଫି’ ବଛର୍ ଆଝିର୍ ଦିନ୍‌କେ ନୌସେନା ଦିବସ୍ ଭାବେ ପାଳନ୍ କରାଯାଏସି । ୧୯୭୧ ମସିହା ଆଝିର୍ ଦିନେ ଅପରେସନ୍ ଟ୍ରାଇଡେଂଟ୍ ସମିଆଥି ଭାରତୀୟ ନୌସେନା ପି.ଏନ୍.ଏସ୍. ଖାଇବର୍ ସହେତେ ୪ ଟା

ପାକିସ୍ତାନୀ ଜାହାଜ୍‌କେ ବୁଡ଼େଇ ଦେଇଥିଲା । ଯେନ୍‌ଥି ବହୁତ୍‌ଟେ ପାକିସ୍ଥାନୀ ନୌସୈନିକଙ୍କର୍ ଜୀବନ୍ ଯାଇଥିଲା ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୌସେନା ଦିବସ୍ ଅବ୍‌ସରେ ଭାରତୀୟ ନୌସେନାକେ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଯେନ୍‌ମାନେ ସମୁଦ୍ର ଉପ୍‌ରେ ନିୟନ୍ତ୍ରଣ୍ ରଖ୍‌ସନ୍ ସେମାନେ ସବୁନୁ ଶକ୍ତିମାନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ନୌସେନାର ବୀର ଯବାନ୍‌ମାନେ ଯେନ୍ ସାହାଜ୍ ଆର୍ ସମର୍ପଣ୍ ସହେଟେ ଆମର୍ ସମୁଦ୍ରକେ ରକ୍ଷା କର୍‌ସନ୍, ତାଙ୍କର୍ ପ୍ରତିବଦ୍ଧତା ଆମର୍ ଦେଶର୍ ସୁରକ୍ଷା ଆର୍ ସମୃଦ୍ଧିକେ ସୁନିଶ୍ଚିତ୍ କର୍‌ସି ।

ହୀରାକୁଦ୍ ନଦୀବନ୍ଧ, ସାତକୋଶିଆ-ବିକାଶ୍ ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ହୀରାକୁଦ୍ ନଦୀବନ୍ଧ ଇଲାକାର୍ ପ୍ରାକୃତିକ ପର୍ଯ୍ୟଟନ୍ ଆର୍ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର୍ ବିକାଶ୍ ଲାଗି ୨ ଶହ କୋଟି ଟଙ୍କା ବ୍ୟୟବରାଦ କରିଛନ୍ । ପର୍ଯ୍ୟଟନ୍ ମନ୍ତ୍ରଣାଳୟର୍ ଲକ୍ଷ୍ୟସ୍ଥଳୀ ବିକାଶ୍ ଡିଭିଜନ୍ ତର୍‌ଫୁ ସର୍‌କାରୀ ଆର୍ ଘରୋଇ ଭାଗିଦାରୀଥି ଇ ଦୁହି ଜାଗା ନ ବହୁତ୍‌ଟେ ପ୍ରକଳ୍ପ କାର୍ଯ୍ୟକାରୀ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଇଟା ହେବାର୍‌ନୁ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ସହେଟେ ସ୍ଥାନୀୟ ଇଲାକାର୍ ଅର୍ଥ ବ୍ୟବସ୍ଥାଥି ସୁଧାର୍ ଆସ୍‌ବା । ହୀରାକୁଦ୍ ନ ୯୯

କୋଟି ୯୯ ଲାଖ୍ ଟଙ୍କା ଖର୍ଚ୍ଚାଥି ପର୍ଯ୍ୟଟନ୍ ଭିତିଭୂମି ତିଆର୍ କରାଯିବା । କେମ୍ପିଙ୍ଗ୍, ଫ୍ଲୋଟେଲ୍ ଆର୍ କାରାଭାନ୍ ହାଇବ୍ରିଡ୍ ପାର୍କର ବ୍ୟବସ୍ଥା କରାଯିବା । ସେନ୍ତା ପର୍ଯ୍ୟଟକ୍ମାନ୍କୁ ଆକୃଷ୍ଟ କର୍ବାର୍ ଲାଗି ଲେଜର୍ ସୋ ଭିଲ୍ ହେବା । ଇ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ଜରିଏ ୧୨ ଶହ ନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସର୍କାର୍ ଆଶ୍ ରଖିଛନ୍ ।

ସେନ୍ତା ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ବିକାଶ୍ ଲାଗି ୯୯ କୋଟି ୯୯ ଲାଖ୍ ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇନ ପରିବେଶ୍ ଅନୁକୂଳ ଘର, ଦୁଃସାହସିକ କ୍ରୀଡ଼ା ଆର୍ ବନ୍ୟପ୍ରାଣୀ ସଂରକ୍ଷଣ୍ ଲାଗି ଭିନ୍ ଭିନ୍ ବ୍ୟବସ୍ଥା କରାଯିବା । ଇଟା ହେବାର୍ନୁ ପର୍ଯ୍ୟଟକ୍ମାନ୍କର୍ ସଂଖ୍ୟା ଆଏବା ଦିନେ ବଢ଼୍ବା ବଲି ଆଶା କରାଯାଉଛେ ।

ବିଧାନ୍ସଭା- ଖର୍ଚ୍ଚ ଦାବି ଆର୍ଏନ୍ୟୁ/ କଟକ୍

ବିଧାନ୍ସଭା ନ ଆଏଜ୍ ୩୯ ଟା ବିଭାଗୀୟ ଖର୍ଚ୍ଚ ଦାବି ଗିଲୋଟିନ୍ଥି ଗୃହିତ ହେଇଛେ । ଆଏଜ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ଆଉ ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ର ଖର୍ଚ୍ଚ ଦାବି ଆଲୋଚନାଥି ଗୃହିତ ହେଇଥିଲା । ଇତାର୍ ଆଘୋନୁ ଗୃହ, ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ପଂଚାୟତିରାଜ୍ ଆଉ ପାନୀୟ

ଜଳ ଆର୍ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ର ଖର୍ଚ୍ଚ ଦାବି ଆଲୋଚନା ହେଇକରି ଗୃହିତ ହେଇଛେ । ଆଏବା କାଏଲ୍ ଗୃହ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧେୟକ ଆଗତ୍ କର୍ବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୬ ତାରିଖ୍ନୁ ୧୭ ନମ୍ବର୍ ବିଧାନ୍ସଭାର ୨ ନମ୍ବର୍ ଅଧିବେଶନ୍ ମୁଲ୍ ହେଇଛେ । ପହେଲା ଦିନେ ମୁଖ୍ୟମନ୍ତ୍ରୀ ଗୃହ ନ ୨୦୨୪ -୨୫ ଆର୍ଥିକ୍ ବଛର୍ର ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରିଥିଲେ ।

ବିଧାନ୍ସଭା-୨ ଆର୍ଏନ୍ୟୁ/ କଟକ୍

ରାଏଜେ ଥିବା ଗରିବ୍, ଭୂମିହୀନ ଲୋକ୍ ୪ ଡିସ୍ମିଲ୍ କି ତାର୍ କମ୍ ଜମି ଜବର୍ ଦଖଲ୍ କରିଥିଲେ ସେମାନ୍କୁ ସେ ଜମିର ପଟ୍ଟା ସହେତେ ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନାଥି ଘର୍ ଯୁଗେଇ ଦିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ବିଧାନ୍ସଭା ନ ବିଭାଗ୍ର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ସମିଆଥି ମନ୍ତ୍ରୀ କହିଛନ୍ ଯେ, ଧନୀ, ପ୍ରଭାବଶାଳୀ ବ୍ୟକ୍ତି ସର୍କାରୀ ଜମି ଜବର୍ଦଖଲ୍ କରିଥିଲେ ପଦକ୍ଷେପ୍ ନିଆଯିବା । ଇ ବାବଦ୍ ହାଇକୋର୍ଟ ନ ମାମ୍ଲା ବିଚାର୍ଧୀନ୍ ରହିଥିବାର୍ ବେଲେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ । ମାମ୍ଲାର୍ ଫଇସଲା

ହେବାର୍ ଉତ୍ରୁ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ ପୂଜାରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଇନ୍ପୁଟ୍ ସାହାଜ୍ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଫି' କ୍ୱିଂଟାଲ୍ ଧାନ୍ ଇନ୍ପୁଟ୍ ସାହାଜ୍ ଯୁଗେଇ ଦେବାର୍ ବାବ୍ଦେ ଗୁଟେ ତୟାରି ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା କରିଥିଲେ । ଆଏବା ୮ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ଚାଷୀମାନ୍କୁ ଫି' କ୍ୱିଂଟାଲ୍ ଧାନ୍ଥି ଇନ୍ପୁଟ୍ ସାହାଜ୍ ୮ ଶହ ଟଙ୍କା ଦେବେ । ଇଥିର୍ଲାଗି ଜିଲ୍ଲା ନ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ହେବାର୍ ସହେତେ ଭିନ୍ ଭିନ୍ ପ୍ରଦର୍ଶନୀ ମଣ୍ଡପ୍ ଖୁଲାଯିବା ।

ଧାନ୍ ଇନ୍ପୁଟ୍ ସାହାଜ୍-ତୟାରି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମାର ଓସ୍ୱାନ୍ ସମ୍ମିଲନୀ କକ୍ଷ ନ ଚାଷୀମାନ୍କୁ ଇନ୍ପୁଟ୍ ସାହାଜ୍ ୮ ଶହ ଟଙ୍କା ଦେବାର୍ ଉପ୍ରେ ଗୁଟେ ତୟାରି ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଅଧ୍ୟକ୍ଷତା କରିକରି ଚାଷୀମାନ୍କୁ ଠିକ୍ ଭାବେ ଇନ୍ପୁଟ୍ ସାହାଜ୍ ଦେବାର୍କେ

ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ୮ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ଇ ଟଙ୍କା ଦେବାର୍‌କେ ଥିବାର୍ ବେଲେ ଇତାକେ ନେଇକରି ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ନ ଗୁଟେ କାର୍ଯ୍ୟକ୍ରମ୍ ହେବା ।

ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଉତ୍ସବ୍        ନୂଆପଡ଼ା

ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ତର୍‌ଫୁ  ନୂଆପଡ଼ା ଜିଲ୍ଲାର ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ନ ୩ ଦିନିଆ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଉତ୍ସବ୍ ମୁଲ୍ ହେଇଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଡକ୍ଟର୍ ନିବେଦିତା ନାଥ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଉତ୍ସବ୍‌ଥି ୫୦ ଟା ମହାବିଦ୍ୟାଳୟ ଆଉ ୨ ଶହ ୫୦ ଝନ୍ ଖେଲାଲୀ ଭାଗ୍ ନେଇଛନ୍ ।

ବୌଦ୍ଧ ପୁସ୍ତକ ମେଳା             ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ନ ୧୯ ନମ୍ବର୍ ବୌଦ୍ଧ ପୁସ୍ତକ ମେଳା ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ପୁସ୍ତକ

ମେଳାର୍ ଉଦ୍‌ଘାଟନ୍ କରିଛନ୍ । ଇ ମେଳାଥି ରାଜ୍ୟର୍ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ୍ ଆର୍ ବିକ୍ରେତା ମାନେ ଯୋଗ୍ ଦେଇଛନ୍ ।

କୃଷି ବିଜ୍ଞାନ୍ କେନ୍ଦ୍ର-ତାଲିମ୍ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କୁସଙ୍ଗ ପଂଚାୟତ୍ କୁମାରୀ ଗାଁ ନ ବୌଦ୍ଧ ପାଲ୍‌ଝାର୍ ନ ଥିବା କୃଷି ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୃଷିଜୀବୀ ମହିଳାମାନ୍‌କୁ ନେଇକରି ପନିପରିବା ଚାଷ୍ ଉପ୍‌ରେ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । କୃଷି ବିଜ୍ଞାନ୍ କେନ୍ଦ୍ରର୍ ବୈଜ୍ଞାନିକ୍ ଡାକ୍ତର୍ ତପନ୍ କୁମାର୍ ଦାସ ଯୋଗ୍ ଦେଇକରି ଉପସ୍ଥିତ୍ ଚାଷୀମାନ୍‌କୁ ଧାନ୍ ଚାଷ୍ ଉତ୍‌ରୁ ମୁଗ୍, ବିର୍‌ହି, ପନିପରିବା, ମିଲେଟ୍ ଚାଷ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।